M. A. IN ODIA, 1st Semester
Paper : ODI-103

ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ
ଫକୀର ମୋହନ ବିଶ୍ୱବିଦ୍ୟାଳୟ , ବାଲେଶ୍ବର ।

# କୋଇଲି ଗୀତିକାବ୍ୟର ପ୍ରକରଣ କୌଶଳ

## ରଚନା ଭଙ୍ଗୀର ବୈଶିଷ୍ଟ୍ୟ ଓ ଲକ୍ଷଣ

Dr. Prahallad Khilla
Assistant professor of Odia
P. G. Department of Language and Literature

ପ୍ରହ୍ଲାଦ ସାର୍

# କ)

# କୋଇଲି ଏକ ସଂଦେଶାତ୍ମକ ଗୀତିରୂପ । କିନ୍ତୁ ଓଡ଼ିଆ ଗୀତିକାବ୍ୟ କୋଇଲିରେ ମାନବେତର ଚରିତ୍ର କୋଇଲି ସମ୍ବାଦବାହୀ ଅପେକ୍ଷ୍ୟା ଜଣେ ସଂବେଦନଶୀଳ ଶ୍ରୋତା

- କୋଇଲି ଏକ ଆଦାନ ପ୍ରଦାନ ଧର୍ମୀ ଗୀତିକା ।
- ଏକ ଆଖ୍ୟାନ ମୂଳକ ଦୂତ କାବ୍ୟ ।
- ଯଶୋଦା କୋଇଲି (ରାମକୃଷ୍ଣ, ଜଗନ୍ନାଥ) ରେ କୋଇଲିକୁ ଦୂତ ଭାବରେ ଉପସ୍ଥାପନ କରାଯାଇ ଥିବାବେଳେ, କେଶବ କୋଇଲି, ବାରମାସୀ, ବନବାସ କୋଇଲି ଶ୍ରୀ ରାମ କୋଇଲିରେ ଜଣେ ସମ୍ବେଦନଶୀଳ ଶ୍ରୋତା ଭୂମିକା ନିର୍ବାହ କରିଥିବାର ଲକ୍ଷ୍ୟ କରିହୁଏ ।
- ଲୋକାଚାର ପ୍ରଭାବରେ କୋଇଲି ସାହିତ୍ୟ ସାମାଜିକ ମଣିଷର ମାନସିକ ଅବସ୍ଥାକୁ ଉକ୍ତି ପ୍ରତ୍ୟୁକ୍ତି ପ୍ରକ୍ରିୟାରେ ପ୍ରକାଶ କରି କଳା ଗତ ସୌନ୍ଦର୍ଯ୍ୟ ଲାଭ କରିଛି ।

# ଖ) କୋଇଲି ଗୀତି କାବ୍ୟ ବିଦଗ୍ଧ ମାନସର ଶାସ୍ତ୍ରୀୟତାକୁ ଗୌଣ କରି ଜାନପଦିକ ହୋଇଛି ।

- ବୈଷ୍ଣବ ସମ୍ପ୍ରଦାୟ ଅନୁସାରୀ ଆଖ୍ୟାନ, ତତ୍ତ୍ୱ ଓ ବିଶ୍ୱାସ ପ୍ରାୟତଃ କୋଇଲିର ବିଷୟ ବସ୍ତୁ ହୋଇଥିଲେ ମଧ୍ୟ ଏଥିରେ ଗ୍ରାମ୍ୟ ଜୀବନର *ପ୍ରାପ୍ତି ଅପ୍ରାପ୍ତି, ସ୍ମୃତି ଚାରଣ, ଝୁରିବାପଣ , ଲୋଡ଼ିବା, ଅପେକ୍ଷା କରିବା, ହରାଇବା, ସାନ୍ତ୍ୱନାଦେବା* ଆଦି ମାନବୀୟ ଅନୁଭୂତି ରୂପାୟିତ ହୋଇଛି ।
- ଏଥିରେ ବ୍ୟବହାରିକ ଭାଷାର ଲଳିତ ମଧୁର ଶବ୍ଦଗୁଡ଼ିକ ମୁଖ୍ୟ ଶବ୍ଦ ରୂପେ ପଦ ଗୁଡ଼ିକର ଅର୍ଥ ବିଧାନକୁ ନିୟନ୍ତ୍ରଣ କରିଛି - ( ଲୋକମୁଖ ପ୍ରଚଳିତ ଅବ୍ୟୟ, ବିଶେଷଣ, କ୍ରିୟା, ଦେଶଜ ପ୍ରତ୍ୟୟାନ୍ତ ଶବ୍ଦ) ।
- ଯଥା - ଯେ, ବୋଲେ, ନଇଲା , ଏ ଯେ, ବୋଲାଇ, କହୁକିନା, ଆଲୋ, ଆଗୋ, ଲୋ

## ଦୃଷ୍ଟାନ୍ତ -( I)

"କୋଇଲି ! କେଶବ **ଯେ** ମଥୁରାକୁ ଗଲା /କାହା **ବୋଲେ** ଗଲା ପୁତ୍ର ବାହୁଡ଼ି **ନଇଲା** ।" (କେଶବ କୋଇଲି - ମାର୍କଣ୍ଡ ଦାସ)

( ii) "ଯାତ୍ରା ଏ **ଯେ** ଖେଳଘର ସଂସାର ଅଟଇ / ଅକ୍ରୁର ବୋଲିଣ ପାର୍ଥ ମୁହଁଟି ବୋଲାଇ ।" (ଅର୍ଥ କୋଇଲି - ଜଗନ୍ନାଥ ଦାସ)।

( iii) "କୋଇଲି ! ହସି ମୋତେ **କହୁକିନା** କଥା **ଆଲୋ** / ହୃଦରୁ ଛାଡ଼ିବ **ଆଗେ** ବନବାସ ଚିନ୍ତା, **ଲୋ** କୋଇଲି।" (ବନବାସ କୋଇଲି - କାଶୀ ବସନ୍ତିଆ)

# ଗ) କୋଇଲିର ରୂପଧର୍ମ ଚଉତିଶା ରୀତିରେ ଆତ୍ମ ପ୍ରକାଶ କରିଥିବାର ଲକ୍ଷ୍ୟ କରାଯାଏ। (ବାରମାସୀ କୋଇଲି ଓ ଫକୀର ମହାନ୍ତିଙ୍କ ମନ୍ଦ କୋଇଲି ବ୍ୟତୀତ)

- ପ୍ରଥମ ପାଦର ଦଶ ଅକ୍ଷରୀ ଓ ଦ୍ୱିତୀୟ ପାଦର ଚଉଦ  ଅକ୍ଷରୀ ପଦ ବିନ୍ୟାସ (କେଶବ କୋଇଲି ଅନୁସୃତ) ଓଡ଼ିଆ ସାହିତ୍ୟରେ କୋଇଲି ବୃତ୍ତ ଭାବରେ ପରିଚିତ ।
- ପ୍ରଥମ କରି ଧ୍ୱନ୍ୟାତ୍ମକ ଶବ୍ଦ, କ୍ରିୟା, ଅବ୍ୟୟର ସୁନ୍ଦର ପ୍ରୟୋଗ କୋଇଲି ସାହିତ୍ୟକୁ ଗଠନଗତ ସୌନ୍ଦର୍ଯ୍ୟ ପ୍ରଦାନ କରିଛି । ଯଥା - ନେଇ ନେଇ, ଯାଇ ଯାଇ, ଦେଖି ଦେଖି... .. ।

## କ୍ରମିକ ସଂଖ୍ୟା - 01

# ରାମାୟଣ ଆଧାରିତ (ରାମଭକ୍ତିମୂଳକ ) କୋଇଲି

- କାନ୍ତ କୋଇଲି, ଶ୍ରୀ ରାମ କୋଇଲି - ବଳରାମ ଦାସ
- ବାରମାସୀ କୋଇଲି - ଶଙ୍କର ଦାସ
- ବନବାସ କୋଇଲି, ରାମକୋଇଲି ଚଉତିଶା - କାଶୀ ବସନ୍ତିଆ
- ମନ୍ଦୋଦରୀ କୋଇଲି - ଜଗତେଶ୍ୱର ଭଞ୍ଜ
- ରାମଦାସଙ୍କ କୋଇଲି - ରାମଦାସ

ପ୍ରହ୍ଲାଦ ସାର୍

# ବୈଶିଷ୍ଟ୍ୟ

- ଅପହୃତା ସୀତାଙ୍କ ହୃଦୟର କରୁଣ ଅଭିବ୍ୟକ୍ତି, ରାମଙ୍କ ଗୁଣ ସ୍ମରଣ ପୂର୍ବକ ସୀତାଙ୍କ ଅନୁଶୋଚନା - କାନ୍ତ କୋଇଲି
- ଶ୍ରୀ ରାମଙ୍କ ବନ ଗମନରେ କୌଶଲ୍ୟାଙ୍କ ଶୋକ ସନ୍ତପ୍ତ ମାତୃବୋଧ - ବନବାସ କୋଇଲି ଓ ରାମ କୋଇଲି ଚଉତିଶାରେ ପ୍ରକାଶିତ
- ମାର୍ଗଶିର ମାସରୁ କାର୍ତ୍ତିକ ମାସ ପର୍ଯ୍ୟନ୍ତ ବାରମାସର ନାନା ପ୍ରକାର ଦୁଃଖଦାୟକ ପରିବେଶ ଭିତରେ ରାମ - ସୀତା - ଲକ୍ଷ୍ମଣଙ୍କୁ ସ୍ମରଣ ପୂର୍ବକ କୌଶଲ୍ୟାଙ୍କ ଶୋକ - ବାରମାସୀ କୋଇଲି
- ସୀତାଙ୍କୁ ଫେରାଇ ଦେବା ନିମିତ୍ତ ରାବଣ ନିକଟରେ ମନ୍ଦୋଦରୀଙ୍କ ଆକୁଳ ନିବେଦନ ଓ ରାବଣର ମୃତ୍ୟୁରେ ମନ୍ଦୋଦରୀ ଙ୍କ ସ୍ମୃତିଚାରଣ - ମନ୍ଦୋଦରୀ କୋଇଲିର ପ୍ରସଙ୍ଗ

ପ୍ରହ୍ଲାଦ ସାର୍

| ବିଷୟ ମୂଳକ ପ୍ରକାର | • କୋଇଲି କୃତି ଓ କବି | ବୈଶିଷ୍ଟ୍ୟ |
|---|---|---|
| କ୍ରମିକ ସଂଖ୍ୟା - 2<br>ଶ୍ରୀକୃଷ୍ଣ ଲୀଳାତ୍ମକ କୋଇଲି | • କେଶବ କୋଇଲି - ମାର୍କଣ୍ଡ ଦାସ<br>• ଯଶୋଦା କୋଇଲି - ଦନେଇ ଦାସ<br>• ଯଶୋଦା କୋଇଲି - ଚୈତନ୍ୟ ଦାସ<br>• ଯଶୋଦା କୋଇଲି - ରାମକୃଷ୍ଣ ଦାସ<br>• ବସନ୍ତ କୋଇଲି - ଦୀନକୃଷ୍ଣ ଦାସ | • ଶୁଦ୍ଧା ଭକ୍ତିମାର୍ଗ ଅନୁସାରୀ ବୈଷ୍ଣବ ବୋଧ ସମର୍ଥୀତ ଗୋପଲୀଳାର ମାଧୁର୍ଯ୍ୟ ସତ୍ତା ମୂଳକ<br>• କବିର ଅନ୍ତର୍ଜଗତରେ ବାତ୍ସଲ୍ୟ ରସ, କରୁଣ ରସ ସହିତ ମିଶି ଆଧ୍ୟାତ୍ମିକ ସୌନ୍ଦର୍ଯ୍ୟରେ ରୂପାନ୍ତରିତ ହୋଇଛି |
| | | ପ୍ରହ୍ଲାଦ ସାର୍ |

| | | |
|---|---|---|
| | • କମଳାମୁଖ କୋଇଲି , ଗୋପିକା କୋଇଲି - ସଦାନନ୍ଦ ବ୍ରହ୍ମା<br>• ରାମଶ୍ୟାମ କୋଇଲି - ଗୋବିନ୍ଦ ଦାସ<br>• ଦୀନବନ୍ଧୁ କୋଇଲି - ସୁଲକ୍ଷଣା<br>• କିଶୋର କୋଇଲି - କବିଚନ୍ଦ୍ର ରାୟଗୁରୁ | • ହନୁମାନ କବିଚନ୍ଦ୍ର, ଗୋପାଳକୃଷ୍ଣ, ସଦାନନ୍ଦ ବ୍ରହ୍ମା, ଓ ଗୋବିନ୍ଦ ଦାସ - ପ୍ରମୁଖଙ୍କ ରଚିତ କୋଇଲିରେ ଯଶୋଦା - ରାଧା - ଗୋପୀଙ୍କର କୃଷ୍ଣ ବିରହ ଜନିତ ମନଦଶା ରୂପାୟିତ ।<br>• ଅନ୍ୟ ସମସ୍ତ କୋଇଲିରେ କୃଷ୍ଣ - ଯଶୋଦା ବିରହ ସାବଲୀଳ ଭଙ୍ଗୀରେ ଉପସ୍ଥାପିତ ହୋଇଛି |
| | | |
| | | |

ପ୍ରହ୍ଲାଦ ସାର୍

| କ୍ରମିକ ସଂଖ୍ୟା - 3 | | |
|---|---|---|
| ତତ୍ତ୍ୱ ଶ୍ରୟୀ କୋଇଲି (ମନଃ ଶିକ୍ଷା ମୂଳକ, ଜ୍ଞାନମିଶ୍ରା ଭକ୍ତି ସିଦ୍ଧାନ୍ତ ମୂଳକ) | • ଅର୍ଥ କୋଇଲି - ଜଗନ୍ନାଥ ଦାସ<br>• ଦୟା ସାଗର କୋଇଲି - ତ୍ରିଲୋଚନ ଦାସ<br>• ଜ୍ଞାନୋଦୟ କୋଇଲି - ଲୋକନାଥ<br>• ଶିଶୁବେଦ କୋଇଲି - ବୈରାଗୀ ଦାସ<br>• ବାଇମନ କୋଇଲି - ଜଗନ୍ନାଥ ଦ୍ୱିଜ<br>• ଯୁଗାବତାର କୋଇଲି - ଜଗନ୍ନାଥ ଦ୍ୱିଜ<br>• ଅଦ୍ଭୁତ କୋଇଲି - ଦ୍ୱିଜ ବଂଶୀଧର | • ଜୀବପରମ ତତ୍ତ୍ୱ, ପିଣ୍ଡ ବ୍ରହ୍ମାଣ୍ଡପିଣ୍ଡ ତତ୍ତ୍ୱ, ମୋକ୍ଷତତ୍ତ୍ୱ , ନାମତତ୍ତ୍ୱ , ଗୁରୁବାଦ , ବୈରାଗ୍ୟ ସାଧନ ତତ୍ତ୍ୱ ରୂପାୟିତ ହୋଇଛି ।<br>• ଅର୍ଥ କୋଇଲି - କେଶବ କୋଇଲିର ପିଣ୍ଡ ବ୍ରହ୍ମାଣ୍ଡ ରହସ୍ୟ ମୂଳକ, ଆଧ୍ୟାତ୍ମିକ ବ୍ୟାଖ୍ୟା<br>• ଦୟା ସାଗର କୋଇଲି, ଜ୍ଞାନୋଦୟ କୋଇଲି, ଶିଶୁବେଦ କୋଇଲିରେ ଧନସମ୍ପତ୍ତିର ଅଳିକତା , ବିଷୟ ବାସନାର କ୍ଷଣ ଭଙ୍ଗୁରତା ଓ ଆତ୍ମ ପରମାତ୍ମ ତତ୍ତ୍ୱ ରୂପାୟିତ |
| ପ୍ରହ୍ଲାଦ ସାର୍ | | • ବାଇମନ କୋଇଲି ଗୁରୁବାଦ ଓ ଯୋଗ - ଜ୍ଞାନ - ମୋକ୍ଷ ତତ୍ତ୍ୱ ପ୍ରସଙ୍ଗ ଆଧାରିତ |